HSIL

**PRESS MONITOR**

Publication : Paryabekhyak
Edition : Bhubaneswar
Date : February 23, 2017

---

# ଏଚ୍‌ଏସ୍‌ଆଇଏଲ୍‌ର ହାଇଣ୍ଡୱେର ସ୍ନୋକ୍ରିଷ୍ଟ ଏୟାରକୁଲର

ନୂଆଦିଲ୍ଲୀ : ସାନିଟାରୀ ଉତ୍ପାଦ କ୍ଷେତ୍ରରେ ଦୀର୍ଘ କାରବାର ଜାରି ରଖିଥିବା କମ୍ପାନୀ ଏଚ୍‌ଏସ୍‌ଆଇଏଲ୍ ପକ୍ଷରୁ ଏହାର ବ୍ୟାବସାୟିକ ନେଟ୍‌ୱାର୍କ ସମ୍ପ୍ରସାରଣ ନିମନ୍ତେ ଲାଟେଷ୍ଟ ତଥା ବିସ୍ତୃତ ବର୍ଗର ବିଭିନ୍ନ ରଙ୍ଗଯୁକ୍ତ ହାଇଣ୍ଡୱେର ସ୍ନୋକ୍ରିଷ୍ଟ ଏୟାରକୁଲର୍‌ର ବଜାର ପ୍ରବେଶ କରାଯାଇଛି। ଆସନ୍ତା ୨୦୨୦ ସୁଦ୍ଧା କମ୍ପାନୀ ଶ୍ରେଷ୍ଠ ତିନି କମ୍ପାନୀ ମଧ୍ୟରେ ନିଜର ସ୍ଥାନ ସୁଦୃଢ଼ କରିବା ପାଇଁ ଲକ୍ଷ୍ୟ ରଖିଛି। ସମ୍ପ୍ରତି ଦେଶର ଏୟାର କୁଲର୍ ବଜାରରେ ବାର୍ଷିକ ୩,୬୫୦ କୋଟି ଟଙ୍କାର କାରବାର ହେଉଥିବାବେଳେ ଏହାର ବୃଦ୍ଧି ହାର ୧୦ ପ୍ରତିଶତ ରହିଛି। ଆସନ୍ତା ଦିନରେ ସଂଗଠିତ ବଜାରରେ ଏହା ୧୬ ପ୍ରତିଶତ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ନୂତନ ଏୟାରକୁଲରରେ ଡେଜର୍ଟ, ପର୍ସନାଲ୍ ଏବଂ ୱିଣ୍ଡୋ ବର୍ଗର ବିଭିନ୍ନ ରଙ୍ଗଯୁକ୍ତ ୧୮ ଲିଟରରୁ ୧୦୦ ଲିଟର ମଧ୍ୟରେ ୧୪ଟି ଉତ୍ପାଦ ରହିଛି। ଏହା ମୁଖ୍ୟତଃ ପ୍ରିମିୟମ୍ ପରପର୍ଲ, ବ୍ରିକ୍ ରେଡ୍ ଏବଂ ଆଇସ୍ ଗ୍ରେ ରଙ୍ଗରେ ଉପଲବ୍ଧ ହେଉଛି। ଏହି ଉତ୍ପାଦଗୁଡିକର ଘଣ୍ଟାପ୍ରତି ଏୟାର ଡେଲିଭରୀ ଦକ୍ଷତା ୩୮୦୦ କ୍ୟୁବିକ୍ ମିଟର ରହିଛି। ଏଗୁଡିକ ଶକ୍ତି ସଞ୍ଚୟ ଜ୍ଞାନକୌଶଳ ଆଧାରରେ ନିର୍ମିତ ହୋଇଥିବାବେଳେ ଏହି ବର୍ଗର ମୂଲ୍ୟ ୮,୯୯୦ ଟଙ୍କାରୁ ୧୭,୯୯୦ ଟଙ୍କା ମଧ୍ୟରେ ରହିଛି। ଏହି ଅବସରରେ ଏଚ୍‌ଏସ୍‌ଆଇଏଲ୍‌ର ଭିସିଏମଡି ସନ୍ଦୀପ୍ ସୋମାନୀ କହିଲେ, ଅନନ୍ୟ ତଥା ଗ୍ରାହକ ଉପଯୋଗୀ ଉତ୍ପାଦ ପ୍ରସ୍ତୁତ କରିବା କ୍ଷେତ୍ରରେ କମ୍ପାନୀ ସବୁବେଳେ କାର୍ଯ୍ୟ ଜାରି ରଖିଛି। ଗ୍ରାହକ ବିଶ୍ୱସନୀୟତା ଆଧାରରେ ଆମେ ୱାଟର ଏବଂ ଏୟାର ପ୍ୟୁରିଫିକେସନ୍ ବର୍ଗ ଉତ୍ପାଦ ସମେତ କିଚେନ୍ ଆପଲାଏନ୍ସ ପ୍ରଭୃତି ଉପଲବ୍ଧ କ୍ଷେତ୍ରରେ ଗୁରୁତ୍ୱାରୋପ କରିଛୁ। ଏହି ନୂତନ କୁଲରରେ ଆଣ୍ଟି-ସ୍କିଡ୍ ଟପ୍ କଭର, ଏକ ସ୍ୱତନ୍ତ୍ର ଆଇସ୍ ଚ୍ୟାମ୍ବର, ୪-ୱେ ଏୟାର ଡିଫ୍ଲେକସନ୍, ଡିଜିଟାଲ୍ ଡିସ୍‌ପ୍ଲେ ପ୍ୟାନେଲ୍, ରିମୋଟ୍ ଅପରେସନ୍ ବ୍ୟବସ୍ଥା ପ୍ରଭୃତି ରହିଛି। ଏହି ଅବସରରେ ଏଚ୍‌ଏସ୍‌ଆଇଏଲ୍‌ର କ୍ୟୁମର ପ୍ରଡକ୍ଟ ଡିଭିଜନ୍ ସଭାପତି ରାକେଶ କାଉଲ୍ କହିଲେ, ଗତ ୨୦୧୬ ଆର୍ଥିକ ବର୍ଷରେ କମ୍ପାନୀ ପକ୍ଷରୁ ସଫ୍ଟ ବର୍ଗର ଏୟାର କୁଲର୍‌ର ବଜାର ପ୍ରବେଶ କରାଯାଇଥିଲା। ଏହି ଉତ୍ପାଦ ବେଶ୍ ସଫଳ ରହିଥିଲା। ପାରମ୍ପରିକ ଡିଜାଇନିଂ ଆଧାରରେ କମ୍ପାନୀ ଏହି ନୂତନ ଏୟାର କୁଲର ବର୍ଗର ପ୍ରସ୍ତୁତ କରିଛି। ହାଇଣ୍ଡୱେର ସ୍ନୋକ୍ରିଷ୍ଟ ଏୟାର କୁଲର ଦେଶର ୪୦୦୦ ରିଟେଲ୍ ଆଉଟ୍‌ଲେଟ୍‌ରେ ଉପଲବ୍ଧ ହେଉଛି। ଏହାଛଡା ଏହି କୁଲର ଅମାଜନ୍, ଫ୍ଲିପ୍‌କାର୍ଟ, ସ୍ନାପ୍‌ଡିଲ୍ ପ୍ରଭୃତି ଇ-କମର୍ସ ପ୍ଲାଟଫର୍ମରେ ଉପଲବ୍ଧ ହେଉଛି। ଏହା ସହିତ ଏହି ବର୍ଗର କୁଲର ରିଲାଏନ୍ସ ଡିଜିଟାଲ, ୱାଲମାର୍ଟ, ସ୍ପେନସର୍ସ, ମେଟ୍ରୋ ପ୍ରଭୃତିରେ ମଧ୍ୟ ଉପଲବ୍ଧ ହେଉଛି।

